# Akashvani, Sambalpur

## SAMBALPURI NEWS EVENING BULLETIN

**6 June 2025- 7.02 pm- 7.12 pm.**

**********************************************

୧- ଜାମ୍ମୁ କାଶ୍ମୀର୍‌ର କଟ୍‌ରା ଠାନେ ପୁର୍‌ଥିର୍ ସବୁନୁ ଉଚା ରେଲ୍‌ତୋରଣ ଚେନାବ୍ ସେତୁକେ ଦେଶ୍‌ବାସୀଙ୍କର୍ ଲାଗି ଉତ୍ସର୍ଗ କଲେ ପ୍ରଧାନ୍‌ମନ୍ତ୍ରୀ ।

- କହେଲେ ଦେଶ୍ ଆଏଜ୍ କାଶ୍ମୀର୍ ଠାନୁ କନ୍ୟାକୁମାରୀ ତକ୍ ରେଲ୍ ନେଟ୍‌ୱାର୍କତକ୍ ଜୁଡ଼ି ହେଇଛେ ।

୨- ରାଏଜେ ନୂଆଁକରି ନିଯୁକ୍ତି ପାଇଥିବା ୭ ଟା ବିଭାଗ୍‌ର ୧ ହଜାର୍ ୨ ଶହ ୯୪ ଝନ୍‌କୁ ନିଯୁକ୍ତି ପତ୍ର ବାଂଟ୍‌ଲେ ମୁଖ୍ୟମନ୍ତ୍ରୀ ।

୩- ଭୁବ୍‌ନେଶ୍ୱର୍ ନ ଚାଲିଛେ ରାଜ୍ୟ କେବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ୍ ।

ଆଉର୍

୪- ଆଏବା ୨୪ ଘଂଟା ଭିତ୍‌ରେ ଧୁକାଗର୍ଡ଼ି ଆର୍ ବର୍ଷା ନେଇକରି ରାଜ୍ୟର୍ ୩୦ ଟା ଯାକ ଜିଲ୍ଲାକେ ସତର୍କ କଲା ପାଣିପାଗ୍ କେନ୍ଦ୍ର ।

ପ୍ରଧାନ୍‌ମନ୍ତ୍ରୀ- ଚେନାବ୍ ରେଲ୍ ବ୍ରିଜ୍         ଏନ୍‌ଏସ୍‌ଡି

ଦେଶ୍ ଆଏଜ୍ କାଶ୍ମୀର୍ ଠାନୁ କନ୍ୟାକୁମାରୀତକ୍ ରେଲ୍ ନେଟ୍‌ୱାର୍କଥି ଜୁଡ଼ି ହେଇଛେ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଜମ୍ମୁ କାଶ୍ମୀର୍‌ର କଟ୍‌ରା ଠାନେ ପୁର୍‌ଥିର୍ ସବୁନୁ ଉଚ୍ଚା ଚେନାବ୍ ରେଲ୍‌ସେତୁ, ଅଞ୍ଜି ଠାନେ ଦେଶର୍ ପହେଲା କେବୁଲ୍ ରେଲ୍‌ସେତୁ ଆଉ କାଶ୍ମୀର୍- ବୈଷ୍ଣୋଦେବୀ-କାଶ୍ମୀର୍ ବନ୍ଦେ ଭାରତ୍ ଏକ୍ସପ୍ରେସ୍ ଟ୍ରେନ୍‌ର ଉଦ୍‌ଘାଟନ୍ କରିକରି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍, ଉଧମ୍‌ପୁର୍- ଶ୍ରୀନଗର୍- ବାରାମୁଲା ରେଲ୍‌ଲାଇନ୍ ପ୍ରକଳ୍ପ ହେଉଛେ ନୂଆଁ ସଶକ୍ତ ଜାମ୍ମୁ କାଶ୍ମୀର୍‌ର ପ୍ରତୀକ୍ । ଇଟା ଜାମ୍ମୁ କାଶ୍ମୀର୍‌ର ସମୃଦ୍ଧିର୍ ପ୍ରବେଶ୍ ଦୁଆର୍ ହେବା ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ସେ ଆହୁରି କହିଛନ୍, କେନ୍ଦ୍ର ସର୍‌କାର୍ ଲୁକ୍‌କର୍ କଲ୍ୟାଣ୍ ଲାଗି ସବୁବେଲେ ତତ୍ପର୍ ରହିଛନ୍ । ଗଲା ୧୧ ବଛର୍ ଭିତ୍‌ରେ ୨୫ କୋଟି ଲୁକ୍‌କୁ ଗରିବି ସୀମାରେଖା ତଲୁ ବାହାର୍ କରାଯାଇଛେ । ଉଜ୍ଜ୍ୱଲା ଯୋଜ୍‌ନାଥି ୧୦ କୋଟି ଗେସ୍ ସଂଯୋଗ୍ କରାଯାଇଛେ । ଆୟୁଷ୍ମାନ୍ ଭାରତ୍ ଯୋଜ୍‌ନାଥି ୫୦ ଲାଖ୍ ଲୁକ୍‌କୁ ଚିକିତ୍ସା ସୁବିଧା ଦିଆଯାଇଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ମୁଖ୍ୟମନ୍ତ୍ରୀ-ନିଯୁକ୍ତିପତ୍ର ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ନୂଆଁକରି ନିଯୁକ୍ତି ପାଇଥିବା ୭ ଟା ବିଭାଗ୍‌ର ୧ ହଜାର୍ ୨ ଶହ ୯୪ ଝନ୍‌କୁ ନିଯୁକ୍ତିପତ୍ର ବାଂଟିଛନ୍ । ଭୁବ୍‌ନେଶ୍ୱର୍ ରେଲ୍‌ସଦନ୍ ଠାନେ ହେଇଥିବା ନିଯୁକ୍ତି ମେଳା କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ କହିଛନ୍, ଗଲା ବଛ୍‌ରେ ଭିତ୍‌ରେ ୯ ଟା ନିଯୁକ୍ତି ମେଳା ଜରିଏ ୨୭ ହଜାର୍ ୪ ଶହ ୨୮ ଝନ୍‌କୁ ସର୍‌କାରୀ ଚାକିରୀଥି ନିଯୁକ୍ତି ଦିଆଯାଇଛେ । ଆଏବା ୫ ବଛର୍ ଭିତ୍‌ରେ ୧ ଲାଖ୍ ୫୦ ହଜାର୍ ଯୁଆନ୍ ପିଲା ଟୁକେଲ୍‌ଙ୍କୁ ସର୍‌କାରୀ ଚାକିରୀଥି ନିଯୁକ୍ତି ଦେବାର୍‌କେ ଲକ୍ଷ୍ୟ ରଖାଯାଇଛେ । ସେନ୍ତା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ଜରିଏ ଆସିଥିବା ନିବେଶ୍‌ଥି ଏବ୍‌ତକ୍ ୪ ଟା ଖେପେ ଦେଢ଼୍ ଲାଖ୍ କୋଟି ଟଙ୍କାର୍ ପୁଞ୍ଜିନିବେଶ୍ ରାଏଜେ ହେଇସାରିଛେ । ଇଥୁ ୯୦ ହଜାର୍ ନିଯୁକ୍ତି ସୁଯୋଗ୍ ନିଶ୍ଚିତ୍ କରାଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏକ୍ ପେଡ଼୍ ମା କେ ନାମ୍ ଅଭିଯାନ୍‌ଥି ଗୁଟେ ଲେଖା ଗଛ୍ ଲଗାବାର୍‌କେ ନବନିଯୁକ୍ତ ମାନ୍‌କୁ ଆହ୍ୱାନ୍ ଦେଇଛନ୍ । କାର୍ଯ୍ୟକ୍ରମ୍‌ଥି ଦୁହି

ଉପମୁଖ୍ୟମନ୍ତ୍ରୀ, ଶିକ୍ଷମନ୍ତ୍ରୀଙ୍କର୍ ସହେତେ ଅଲ୍‌ଗା ମାନେ ଉପସ୍ଥିତ୍ ଥିଲେ ।

ରାଜ୍ୟ କେବିନେଟ୍ ବୈଠକ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ରାଜ୍ୟ କେବିନେଟ୍ ବୈଠକ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଚାଲିଛେ । ବୈଠକ୍‌ଥି ଭିନ୍ ଭିନ୍ ବିଭାଗ୍‌ର ୪ ନୁ ୫ ଟା ପ୍ରସ୍ତାବ୍‌କେ ଅନୁମୋଦନ୍ ମିଲିଥିବାର୍ ସୂଚ୍‌ନା ମିଲିଛେ । ଇତାର୍ ସହେତେ ରାଜ୍ୟ ସର୍‌କାର୍‌ଙ୍କୁ ବଛ୍‌ରେ ପୁର୍‌ବାର୍‌କେ ଯାଉଥିବାର୍ ବେଲେ ଇତାକେ ନଜର୍‌ଥି ରଖିକରି ଆଉ କେତେଟା ବଡ଼ ନିଷ୍ପତି ହେଇପାରେ ବଲି ଜନାପଡ଼ିଛେ ।

ଗରିବ କଲ୍ୟାଣ ଯୋଜନା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ନେତୃତ୍ୱଥି ଗରିବ୍ ଲୁକ୍‌କୁ ଆର୍ଥିକ୍ ସାହାଜ୍ ଆଉ ମୌଲିକ୍ ସୁବିଧା ଯୁଗେଇ ଦେବାର୍ ଲକ୍ଷ୍ୟଥି କେନ୍ଦ୍ର ସରକାରଙ୍କର୍ ତର୍‌ଫୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜ୍‌ନା ମୁଲ୍ କରାଯାଇଛେ । ଗଲା ୧୧ ବଛର୍ ଭିତ୍‌ରେ ଫି ସରକାରୀ ପଦକ୍ଷେପ୍‌ଥି ଲୁକ୍‌କର ଲାଗି ସେବା,

ସୁଶାସନ୍ ଆଉ କଲ୍ୟାଣ ସମର୍ପିତ୍ ହେଇରହିଛେ । ଇତାର୍ ଉପ୍‌ରେ ଆକାଶବାଣୀ ସମ୍ବାଦ ବିଭାଗ୍ ତର୍‌ଫୁ ଗୁଟେ ଖାସ୍ ରିପୋର୍ଟ.....

(ଭଏସ୍ ଓଭର୍)

*ସାରା ଦେଶ୍ ଇହାଦେ ଗୁଟେ ପରିବର୍ତ୍ତିତ୍ ଆଉ ସମ୍ମିଲିତ୍ ସରକାର୍‌ର ସୁଶାସନ୍‌ଥି ରହିକରି ଆଗ୍‌କେ ବଢ଼ି ଚାଲିଛେ । ଗରିବ କଲ୍ୟାଣ ଯୋଜ୍‌ନାଥି ଏବ୍‌ତକ୍ ୮୧ କୋଟିନୁ ଅଏତ୍‌କା ହିତାଧିକାରୀଙ୍କୁ ମାହାଲିଆ ଅନ୍ନ ଦିଆଯାଉଛେ । ସେନ୍ତା ପିଏମ୍ ଆବାସ ଯୋଜ୍‌ନାଥି ୪ କୋଟିନୁ ଅଏତ୍‌କା ପକ୍କା ଘର ତିଆର୍ କରାଯାଇଛେ । ସଶକ୍ତୀକରଣ, ଭିତିଭୂମିର୍ ବିକାଶ, ସମ୍ମିଲିତ୍ ଭାବ୍‌ନାଥି ବିଶ୍ୱାସ ରଖୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ନେତୃତ୍ୱାଧିନ ସରକାରଥି ପାଖାପାଖି ୨୫ କୋଟି ଲୋକ୍‌କୁ ଗରିବୀ ଭିତ୍‌ରୁ ବାହାର କରାଯାଇକରି ଆର୍ଥିକ୍ ସ୍ୱଛଲ୍ ବର୍ଗଥି ସାମିଲ୍ କରାଯାଇଛେ । ଇଟା ସାମୂହିକ୍ ଆଉ ଆତ୍ମନିର୍ଭର ଭାରତ୍ ଗଠନ୍ ଦିଗେ ସରକାରଙ୍କର୍ ପ୍ରତିବଦ୍ଧତାର୍ ପ୍ରମାଣ ଦଉଛେ । ଲୁକ୍‌କୁ ସ୍ୱାଭିମାନ୍ ସହେତେ ବଂଚ୍‌ବାର ଅଧିକାର ଦେବାର୍ ଲାଗି ୧୨ କୋଟିନୁ ଅଏତ୍‌କା ପାଇଖାନା ତିଆର୍ କରାଯାଇଥିଲା ବେଲ୍‌କେ ଉଜ୍ଜ୍ୱଲା ଯୋଜ୍‌ନା ଅଧିନ୍‌ଥି ୧୦ କୋଟିନୁ ଅଏତ୍‌କା ଗ୍ୟାସ୍ ସଂଯୋଗ୍ କରାଯାଇଛେ । ସମ୍ବଲପୁରେ କାର୍ଯ୍ୟକାରୀ ହଉଥିବା ଗରିବ କଲ୍ୟାଣ ଯୋଜ୍‌ନା,*

*ହିତାଧିକାରୀମାନକର୍ ପାଖ୍‌କେ କେନ୍ ହିସାବେ ପୁହୁଁଚୁଛେ, ସେ ବାବ୍‌ଦେ ଅଏତ୍‌କା ସୂଚ୍‌ନା ଦେଇଛନ୍ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର..*

*(ଭଏସ୍ ଓଭର୍...ଜିଲ୍ଲାପାଳ)*

ମୁଖ୍ୟମନ୍ତ୍ରୀ - ସୁବର୍ଣ୍ଣପୁର୍ ସୁବର୍ଣ୍ଣପୁର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା କାଏଲ୍ ଦିନ୍‌କିଆ ସୁବର୍ଣ୍ଣପୁର୍ ଜିଲ୍ଲା ଗସ୍ତଥି ଆସୁଛନ୍ । ସୁବର୍ଣ୍ଣପୁର୍ ରାମେଶ୍ୱର୍ ଷ୍ଟାଡ଼ିୟମ୍ ଠାନେ ଗୁଟେ ସାଧାରଣ ସଭାଥି ମୁଖ୍ୟମନ୍ତ୍ରୀଙ୍କର୍ ସହେତେ ଅଲ୍‌ଗା ମନ୍ତ୍ରୀ ଆର୍ ସାଂସଦ୍ ମାନେ ଯୋଗ୍ ଦେଇକରି ବିକଶିତ ଓଡ଼ିଶା ସଂକଳ୍ପ ଆଉ ସର୍‌କାର୍‌ଙ୍କର୍ ବଛର୍‌ପୂର୍ତ୍ତିର୍ ଉପଲବ୍ଧି ବାବ୍‌ଦେ ଲୁକ୍‌କୁ ଜନାବେ । ମୁଖ୍ୟମନ୍ତ୍ରୀଙ୍କର୍ ଗସ୍ତକେ ନେଇକରି ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଜୋର୍‌ଦାର୍ ପ୍ରସ୍ତୁତି ଚାଲିଛେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଭିନ୍ ଭିନ୍ ଜନକଲ୍ୟାଣ୍‌କାରୀ ପ୍ରକଳ୍ପର୍ ଶିଳାନ୍ୟାସ୍ ଆଉ ଉଦ୍‌ଘାଟନ୍ କର୍‌ବେ ବଲି ଜିଲ୍ଲା ମୁଖ୍ୟ ଉନ୍ନୟନ୍ ଅଧିକାରୀ ଅଶ୍ୱିନୀ କୁମାର୍ ମେହେର୍ ସୂଚ୍‌ନା ଦେଇଛନ୍ ।

ଉପମୁଖ୍ୟମନ୍ତ୍ରୀ-ନିମାପଡ଼ା ଭୁବନେଶ୍ୱର୍ ସମ୍ବାଦଦାତା

ଜନସାଧାରଣ୍ ଅଧିକାରୀମାନ୍‌କର୍ ପାଖ୍‌କେ ନାଇଁ ଯାନ୍, ଅଧିକାରୀମାନେ ଲୁକ୍‌କର୍ ପାଖ୍‌କେ ଯିବେ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ପୁରୀ ଜିଲ୍ଲା ନିମାପଡ଼ା ଠାନେ ଗୁଟେ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଗଲା ବଛ୍‌ରେ ଭିତ୍‌ରେ ରାଜ୍ୟ ସର୍‌କାର୍ ନେଇଥିବା ଜନକଲ୍ୟାଣ୍‌କାରୀ ପଦକ୍ଷେପ୍ ବାବ୍‌ଦେ କହିଥିଲେ । କାର୍ଯ୍ୟକ୍ରମ୍‌ଥି ୧୧ ଟା ବିଭାଗ୍‌ର ୩୩ ଟା ଅଧିକାରୀ ଯୋଗ୍ ଦେଇକରି ଲୁକ୍‌କର୍ ଭିନ୍ ଭିନ୍ ଅଭିଯୋଗ୍ ଆର୍ ମତାମତ୍ ଶୁନିଥିଲେ ।

ରାଜ୍ୟପାଲ୍ I&PR

ସମବାୟ ସଂସ୍ଥା ଆର୍ଥିକ୍ ଅନ୍ତର୍ଭୁକ୍ତିକରଣ୍, ଜୀବିକା ସୃଷ୍ଟି, ଆଉ ଗୋଷ୍ଠୀ ସଶକ୍ତିକରଣ୍ କ୍ଷେତ୍ର ନ ଉଲ୍ଲେଖନୀୟ ଭୂମିକା ନଉଛେ ବଲି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି କହିଛନ୍ । ଭୁବ୍‌ନେଶ୍ୱର୍ ରାଜ୍‌ଭବନ୍ ନ ସମବାୟ ବିଭାଗ୍ ତର୍‌ଫୁ ହେଇଥିବା ଆନ୍ତର୍ଜାତିକ ସମବାୟ ବର୍ଷ - ୨୦୨୫କେ ଉଦ୍‌ଘାଟନ୍ କରିକରି ରାଜ୍ୟପାଲ୍ ସମବାୟ

କ୍ଷେତ୍ରକେ ଅଏତ୍କା ବର୍କସ୍ କର୍ବାର୍ ଲାଗି ନିଷ୍ଠାର୍ ସହେତେ କାମ୍ କର୍ବାର୍କେ ଆହ୍ୱାନ୍ କରିଛନ୍ ।

ଶ୍ରୀଅନ୍ନ ଯୋଜ୍ନା- ସମୀକ୍ଷା I&PR

ଭୁବ୍ନେଶ୍ୱର୍ କୃଷି ଭବନ୍ ସମ୍ମିଲନୀ କକ୍ଷ ଠାନେ କୃଷି ବିଭାଗ୍ର ପ୍ରମୁଖ ଶାସନ୍ ସଚିବ ଡକ୍ଟର୍ ଅରବିନ୍ଦ ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍ଥି ୨୦୨୫ -୨୬ ଆର୍ଥିକ୍ ବଛ୍ରେ ଖରିଫ୍ ଚାଷ୍ ଲାଗି ଶ୍ରୀଅନ୍ନ ଅଭିଯାନ୍ ବାର୍ଷିକ୍ ଯୋଜ୍ନାର୍ ସମୀକ୍ଷା କରାଯାଇଛେ । ରାଜ୍ୟର୍ ପାରମ୍ପାରିକ୍ ଖାଦ୍ୟଶସ୍ୟ ମାଣ୍ଡିଆ, ସୁଆଁ, ବାଜ୍ରା, କାଙ୍ଗୁ ଚାଷ୍ର ସଫଳତା ଆଉ ଉପକାରିତାକେ ନଜର୍ଥି ରଖିକରି ଆଏବା ଦିନେ ଇ ସବୁ ଚାଷ୍କେ ଆହୁରି ତହଁକାଯିବା ବଲି ବୈଠକ୍ଥି ନିଷ୍ପତି ନିଆଯାଇଛେ ।

ନିଟ୍ ପିଜି ପରୀକ୍ଷା ଏନ୍ଏସ୍ଡି

ନିଟ୍ ପିଜି ପରୀକ୍ଷା -୨୦୨୫ ଆଏବା ଅଗଷ୍ଟ ମାସର୍ ୩ ତାରିଖ୍ କର୍ବାର୍କେ ସୁପ୍ରିମ୍କୋର୍ଟ ଅନୁମତି ଦେଇଛନ୍ । ଆଘୋନୁ

ଇ ପରୀକ୍ଷା ଜୁନ୍ ୧୫ ତାରିଖ୍ ହେବାର୍‌କେ ଥିଲା । ମାତରକ୍ ଇତାକେ ସ୍ଥଗିତ୍ ରଖାଯାଇଥିଲା । ଅଗଷ୍ଟ ୩ ତାରିଖ୍ ଗୁଟେ ସିଫ୍ଟ୍‌ଥି ନିଟ୍ ପିଜି ପରୀକ୍ଷା କର୍‌ବାର୍‌କେ ଇହାଦେ ସୁପ୍ରିମ୍‌କୋର୍ଟ ଅନୁମତି ଦେଇଛନ୍ ।

ଜିଲ୍ଲାସ୍ତରୀୟ ଜନଅଭିଯୋଗ୍ ଶୁଣାଣି I&PR

ଆଏବା ୯ ତାରିଖ୍ ରାଏଜେ ହେବାର୍‌କେ ଥିବା ଜିଲ୍ଲାସ୍ତରୀୟ ଜନଅଭିଯୋଗ୍ ଶୁଣାଣି ଲାଗି ଆଏଜ୍ ଦିନର୍ ୧୧ ବଜେନୁ ପଞ୍ଜିକରଣ୍ ପ୍ରକ୍ରିୟା ମୁଲ୍ ହେଇଛେ । ଜନଶୁଣାଣି ପୋର୍ଟାଲ୍ janasunani.odisha.gov.in ଥି ଲୁକେ ପଞ୍ଜିକରଣ୍ କରିପାର୍‌ବେ । ପଞ୍ଜିକରଣ୍ ପ୍ରାପ୍ତିପତ୍ର, ପରିଚୟପତ୍ର ସହେତେ ନିଜର୍ ଅଭିଯୋଗ୍ ଧରିକରି ଲୁକେ ଧାରିଜ୍ ସମିଆଥି ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ୍‌ମାନ୍‌କୁ ସାକ୍ଷାତ୍ କରିପାର୍‌ବେ ବଲି ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

କରୋନା ଏନ୍‌ଏସ୍‌ଡି/ହି.ସ.

ରାଏଜେ ଫେର୍ ୭ ଝନ୍ ନୂଆଁ କରୋନା ସଂକ୍ରମିତ୍ ଚିହ୍ନଟ୍ ହେଇଛନ୍ । ଇତାର୍‌ସହେତେ ରାଏଜେ କରୋନା ସଂକ୍ରମିତଙ୍କର୍ ସଂଖ୍ୟା ୩୦ କେ ବଢ଼ିଛେ । ଖୋର୍ଦ୍ଧା ଜିଲ୍ଲା ନ ସବୁନୁ ଜହ ୧୬ ଝନ୍ ରୋଗୀ ଚିହ୍ନଟ୍ ହେଇଥିଲା ବେଲ୍‌କେ କଟକ୍‌ନୁ ୬ ଝନ୍ ଅଛନ୍ । କରୋନା ସଂକ୍ରମଣ୍‌କେ ନଜର୍‌ଥି ରଖିକରି ରାଜ୍ୟ ସର୍କାର୍ ଖୋବ୍ ଜଲ୍‌ଦି ମାର୍ଗଦର୍ଶିକା ଆନ୍‌ବେ ବଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ୍ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ । ରାଏଜେ କୋଭିଡ୍ ଥିତି ଆଏତେ ରହିଛେ ଆଉ ଲୁକେ ନାଇଁ ଡର୍‌ବାର୍‌କେ ଡାକ୍ତର୍ ମିଶ୍ର ପରାମର୍ଶ ଦେଇଛନ୍ ।

ସେଆଡ଼େ ଦେଶେ କରୋନା ସଂକ୍ରମିତଙ୍କର୍ ସଂଖ୍ୟା ୫ ହଜାର୍ ୩ ଶହ ୬୪କେ ପୁହୁଁଚିଛେ । ଗଲା ୨୪ ଘଂଟା ଭିତ୍‌ରେ ୪ ଝନ୍ ରୋଗୀଙ୍କର୍ ଜୀବନ୍ ଯାଇଥିଲା ବେଲ୍‌କେ ଭିନ୍ ଭିନ୍ ରାଏଜେ ୪ ହଜାର୍ ୭ ଶହ ୨୪ ଝନ୍ ରୋଗୀ ସୁସ୍ଥ ହେଇଛନ୍ ବଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତର୍‌ଫୁ କୁହାଯାଇଛେ ।

ପୁରୀ ଶ୍ରୀମନ୍ଦିର-ରକ୍ମିଣୀ ହରଣ ନୀତି ଆର୍‌ଏନ୍‌ୟୁ/ ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ମାହାପୁରୁଙ୍କର୍ ରକ୍ମିଣୀ ହରଣ ନୀତି ହେଇଯାଇଛେ । ଜେଠ୍ ମାସର୍ ଉଜଲ୍ ପଖ ଏକାଦଶୀ ତିଥି

ଦିନ ଶ୍ରୀମନ୍ଦିର୍‌ର ପରମ୍ପରା ଅନ୍‌ସାରେ ମାହାପୁରୁ ଶ୍ରୀ ଜଗନ୍ନାଥଙ୍କର୍ ବିବାହ ଉତ୍ସବ କରାଯାଏସି । ବିମଳା ମନ୍ଦିର୍ ପାଖ୍‌କେ ମଦନ୍ ମୋହନ୍ ଆଏବାର୍ ଆଘୋନୁ ସେଠାନେ ମା ଲକ୍ଷ୍ମୀ ପୁହୁଁଚିଥିଲେ । ତାର୍ ଉତ୍‌ରୁ ମାଜଣା କରାଯାଇକରି ରୁକ୍ମିଣୀ ହରଣ ନୀତି ହେଇଥିଲା । ପହେଲା ଭୋଗମଣ୍ଡପ୍ ଶେଷ୍ ହେଲା ଉତ୍‌ରୁ ମଏଧାନର୍ ୧ ବଜେନୁ ସଞ୍ଜ୍‌ବେଲର୍ ୬ ବଜେତକ୍ ସାଧାରଣ୍ ଦର୍ଶନ୍ ବନ୍ଦ୍ ରହିଥିଲା ।

ଦୁର୍ଘଟଣା ଆର୍‌ଏନ୍‌ୟୁ/ ସମ୍ବଲପୁର

ଝାର୍‌ସୁଗୁଡ଼ା- କୁଚିଣ୍ଡା ରାସ୍ତା ସିରିଆପାଲି ଛକ୍ ଠାନେ ଆଏଜ୍ ସଡ଼କ୍ ଦୁର୍ଘଟଣାଥି ୨ ଝନ୍‌କର୍ ଜୀବନ୍ ଯାଇଛେ । ଯାତ୍ରୀବାହୀ ବସ୍‌ଟେ ବାଇକକେ ଧକ୍କା ଦେବାର୍‌ନୁ ଦୁର୍ଘଟଣା ଘଟିଥିବାର୍ ଜନାପଡ଼ିଛେ ।

ନିଶା ଦରବ୍ ସଚେତନତା ଅଭିଯାନ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଅବକାରୀ ବିଭାଗ୍ ତର୍‌ଫୁ ନିଶା ଦରବ୍ ଆଉ ବିଷାକ୍ତ ମାଦକ ଦରବ୍ ବିରୋଧିଥି ସଚେତନତା ଅଭିଯାନ୍

ମୁଲ୍ କରାଯାଇଛେ । 'ଆମ ସଂକଳ୍ପ - ନିଶା ନୁହେଁ ଜୀବନ' ସଚେତନତା ବାର୍ତା ନେଇକରି ଇ ଅବ୍‌ସରେ ଗୁଟେ ସଚେତନତା ରଥର୍ ଶୁଭାରମ୍ଭ କରାଯାଇଛେ । ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ବୌଦ୍ଧ ବିଧାୟକ୍ ସରୋଜ୍ କୁମାର୍ ପ୍ରଧାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ରଥର ଶୁଭାରମ୍ଭ କରିଛନ୍ । ଇ ରଥ ଜିଲ୍ଲାର୍ ସବୁ ଗାଁକେ ଯାଇକରି ନିଶା ନିବାରଣ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବା ।

ପୁଲିସ୍-ଛତିଶା ନିଯୋଗ୍ ବୈଠକ୍ ପୁରୀ ସମ୍ବାଦଦାତା

ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଲାଗି ପୁରୀ ଶ୍ରୀମନ୍ଦିରର୍ ଛତିଶା ନିଯୋଗ୍ ସଙ୍ଗେ ଜିଲ୍ଲା ପୁଲିସ୍‌ର ଗୁଟେ ବୈଠକ୍ ହେଇଯାଇଛେ । ସ୍ନାନ ଯାତ୍ରାକେ ଶୃଙ୍ଖଲିତ୍ ଭାବେ ପରିଚାଳନା କର୍‌ବାର୍ ଲାଗି ଆରକ୍ଷୀ ଅଧିକ୍ଷକ୍ ସେବାୟତ୍‌ମାନ୍‌କର୍ ସଙ୍ଗେ ଆଲୋଚନା କରିଛନ୍ । ବୈଠକ୍‌ର ସୂଚ୍‌ନା ଅନ୍‌ସାରେ ଇଥର ଦେବସ୍ନାନ ପୂର୍ଣ୍ଣିମା ବେଲ୍‌କେ ପୁରୀ ନ ୭୦ ପ୍ଲାଟୁନ୍ ପୁଲିସ୍ ଫୋର୍ସ, ୪ ଝନ୍ ଏସ୍.ପି. ରେଙ୍କ କମାଣ୍ଡାଂଟ୍, ୪ ଶହ ୫୦ ଅଧିକାରୀ ମୁତୟନ ରହେବେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଧୁକାଗର୍ଜି ସହେତେ ବର୍ଷା ହେଇପାରେ । ରାଜ୍ୟର୍ ୩୦ ଟା ଯାକ ଜିଲ୍ଲା ନ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ସତର୍କ ସୂଚ୍‌ନା ଜାରି କହିଛେ । ଇ ସମିଆ ଭିତ୍‌ରେ ୧୧ ଟା ଜିଲ୍ଲାର୍ ଗୁଟେ ଦୁଇଟା ଜାଗା ନ ଗରମ୍ ଆର୍ ଗୁଲ୍‌ଗୁଲି ହେବାର୍ ସମ୍ଭାବନା ରହିଛେ ।